# ଉଦ୍ଭିଦ କିସମ ଏବଂ କୃଷକ ଅଧିକାର ସଂରକ୍ଷଣ ପ୍ରାଧିକରଣ



ବୌଦ୍ଧିକ ସଂପଦ ଅଧିକାରର ବ୍ୟବସ୍ଥା ସମ୍ବନ୍ଧୀୟ ବୁଝାମଣାର (TRIPS) ଧାରା ୨୭.୩(ଖ) ଅନ୍ତର୍ଗତ ଉଦ୍ଭିଦର ନୂଆ କିସମର ବିକାଶକୁ ପ୍ରୋତ୍ସାହିତ କରିବା, ଉଦ୍ଭିଦକିସମ ତଥା କୃଷକମାନଙ୍କର ଅଧିକାରଗୁଡିକ ସଂରକ୍ଷଣ ସହିତ ଏକ ପ୍ରଭାବୀ ପ୍ରଣାଳୀ ସ୍ଥାପିତ କରିବା ପାଇଁ, ଭାରତ ସ୍ୱନିର୍ମିତ ପ୍ରଣାଳୀକୁ ଆପଣେଇଲା ଏବଂ ସେଇ ଅନୁସାରେ ଉଦ୍ଭିଦକିସମ ଓ କୃଷକ ଅଧିକାର ସଂରକ୍ଷଣ ଅଧିନିୟମ-୨୦୦୧ କୁ ଲାଗୁକଲା । ଭାରତୀୟ ବିଧାନର ଅନ୍ତର୍ଗତ, ଯେଉଁଠି ଉଦ୍ଭିଦର ନୂଆ କିସମର ସଂରକ୍ଷଣ ପାଇଁ ଅନ୍ତରାଷ୍ଟ୍ରୀୟ ସଂଘ (UPOV), ୧୯୭୮ ମସିହା, ସହିତ ଭାଗିଦାରୀ କରିଛି, ସେଠାରେ ସାର୍ବଜନିକ କ୍ଷେତ୍ରର ପ୍ରଜନନ ସଂସ୍ଥାଗୁଡିକ କୃଷକମାନଙ୍କର ହିତର ସୁରକ୍ଷା ପାଇଁ ଅତିରିକ୍ତ ନିୟମ ଲାଗୁ କରିଛି । ଏହି ଆଇନ୍ ଅନୁଯାୟୀ ବାଣିଜ୍ୟ ସମ୍ବନ୍ଧରେ କାର୍ଯ୍ୟରତ ଉଦ୍ଭିଦ ପ୍ରଜନନ ଓ କୃଷକମାନଙ୍କ ଉଦ୍ଭିଦପ୍ରଜନନ ସମ୍ବନ୍ଧୀୟ କାର୍ଯ୍ୟକଳାପରେ କରାଯାଉଥିବା ଯୋଗଦାନକୁ ମାନ୍ୟତା ପ୍ରଦାନ କରାଯାଇଛି, ତା ସହିତ ଭାରତରେ ବିଭିନ୍ନ ଉତ୍ପାଦକ ସମୂହ, ଘରୋଇ ବିହନ ଉତ୍ପାଦନ ଶିଳ୍ପ, ସାର୍ବଜନୀନ ଅନୁସନ୍ଧାନ କେନ୍ଦ୍ର ଓ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ସାମାଜିକ ତଥା ଆର୍ଥିକ ହିତକୁ ରକ୍ଷାକରିବା ପାଇଁ ଟ୍ରିପ୍ସର ନିୟମକୁ ଲାଗୁ କରାଯାଇଛି । ଏହି ନିୟମ ଗୁଡିକୁ କୃଷକ ମାନଙ୍କ ଭିତରେ ବ୍ୟାପକ ପ୍ରସାର କରିବା ପାଇଁ PPV & FRA ଦ୍ୱାରା  ରାଜ୍ୟ ମାନଙ୍କରେ ଥିବା କୃଷି ବିଭାଗ ଏବଂ ଭାରତ ସରକାରଙ୍କର କୃଷି ଗବେଷଣା ଅନୁଷ୍ଠାନ ଗୁଡିକ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ ପ୍ରଜାତି ମାନଙ୍କର ପଞ୍ଜୀକରଣ କରାଯିବା ପାଇଁ ବ୍ୟବସ୍ଥା ହୋଇଅଛି ।

## ପି.ପି.ଭି. ଆଣ୍ଡ ଏଫ୍.ଆର୍.ଏ (PPV & FRA) ଆଇନ୍-୨୦୦୧ ର୍ ଲକ୍ଷ୍ୟ :

- ନୂଆ କିସମ ଉଦ୍ଭିଦର ବିକାଶ ପାଇଁ ଉଦ୍ଭିଦ ଅନୁବଂଶୀୟ ସଂସାଧନର ସଂରକ୍ଷଣରେ ସୁଧାର ଏବଂ ଏହାକୁ ଉପଲବ୍ଧ କରିବାପାଇଁ ଯେକୌଣସି ସମୟରେ କୃଷକମାନଙ୍କ ଦ୍ୱାରା କରାଯାଇଥିବା ଯୋଗଦାନ ତଥା ସେମାନଙ୍କ ଅଧିକାରକୁ ଜାଣିବା ଏବଂ ତାର ରକ୍ଷା କରିବା ।
- ଦେଶର କୃଷି ବିକାଶକୁ ତ୍ୱରାନ୍ୱିତ କରିବା, ଉଦ୍ଭିଦ ପ୍ରଜନନମାନଙ୍କର ଅଧିକାର ରକ୍ଷା କରିବା, ଉଦ୍ଭିଦର କିସମ ପ୍ରଜନନ ପାଇଁ ସରକାରୀ ଏବଂ ଘରୋଇ ଉଭୟ କ୍ଷେତ୍ରରେ ଅନୁସନ୍ଧାନ ଓ ବିକାଶରେ କରାଯାଇଥିବା ବିନିଯୋଗକୁ ବର୍ଦ୍ଧିତ କରିବା ।
- କୃଷକମାନଙ୍କୁ ଉତ୍ତମ ଗୁଣଥିବା ବିହନ ଏବଂ ଉଦ୍ଭିଦ ଯୋଗାଇଦେବା ପାଇଁ ବିହନ ଉଦ୍ୟୋଗର ଉନ୍ନତିକୁ ସହଜ, ସୁଗମ ଏବଂ ସୁନିଶ୍ଚିତ କରିବା ।

## ପ୍ରାଧିକରଣ ସମ୍ବନ୍ଧୀୟ ସୂଚନା :

୨୦୦୫ ମସିହା ନଭେମ୍ବର ମାସ ୧୧ ତାରିଖରେ ଭାରତ ସରକାରଙ୍କ ଦ୍ୱାରା ରାଜପତ୍ର ଅଧିସୂଚନା (ଏସ୍.ଓ. ୧୫୮୯-ଇ) ଦ୍ୱାରା ଲାଗୁ କରାଯାଇଥିବା ପି.ପି.ଭି. ଆଣ୍ଡ ଏଫ୍.ଆର୍.ଏ ଅଧିନିୟମ-୨୦୦୧ ଧାରା-୩ ଉପଧାରା-୧ ରେ ପ୍ରଦତ୍ତ ଶକ୍ତି ଗୁଡିକର ଉପଯୋଗ କରାଯାଇ ଉଦ୍ଭିଦକିସମ ଏବଂ କୃଷକ ଅଧିକାର ସଂରକ୍ଷଣ ପ୍ରାଧିକରଣ ସ୍ଥାପନା କରାଯାଇଛି । ଏହି ପ୍ରାଧିକରଣ ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟ ଅଧିନରେ କାର୍ଯ୍ୟକରେ ଏବଂ ଏହାର ଅଧକ୍ଷ ଭାରତ ସରକାରଙ୍କ ସଚିବ ସ୍ତର ସହିତ ସମତୂଲ୍ୟ ଅଟନ୍ତି, ଯାହାଙ୍କୁ ପ୍ରାଧିକରଣର ମୂଖ୍ୟ କାର୍ଯ୍ୟକର୍ତ୍ତା କୁହାଯାଏ । ଅଧକ୍ଷଙ୍କୁ ଛାଡି ପ୍ରାଧିକରଣରେ  ୧୫ ଜଣ ସଦସ୍ୟଙ୍କୁ ଭାରତ ସରକାରଙ୍କ ଦ୍ୱାରା ଅଧିସୂଚିତ କରାଯାଇଛି । ତନ୍ମଧ୍ୟରୁ ଆଠଜଣ ଭାରତ ସରକାରଙ୍କ ବିଭିନ୍ନ ବିଭାଗ ବା ମନ୍ତ୍ରଣାଳୟର ପଦବଦଳରେ ପ୍ରାପ୍ତ ସଦସ୍ୟ(ex-officio members), ୩ ଜଣ ରାଜ୍ୟ କୃଷି ବିଶ୍ୱ ବିଦ୍ୟାଳୟ ଏବଂ ରାଜ୍ୟ ସରକାରଙ୍କ ପ୍ରତିନିଧି, ଏହା ସହିତ କୃଷକ-ଜନଜାତି ସଂଗଠନ ବିହନ ଉଦ୍ୟୋଗ ଏବଂ କୃଷି କାର୍ଯ୍ୟରେ ଜଡିତ ମହିଳା ସଂଗଠନ ପ୍ରତ୍ୟେକରୁ ଜଣେ ଜଣେ ପ୍ରତିନିଧିଙ୍କୁ କେନ୍ଦ୍ର ସରକାର ନାମିତ କରନ୍ତି । ଏମାନଙ୍କ ଛଡା ମୁଖ୍ୟ ପଞ୍ଜୀକରଣ ଅଧିକାରୀ ହେଉଛନ୍ତି ଏହି ପ୍ରାଧିକରଣର ସଦସ୍ୟ ସଚିବ ।



## ପ୍ରାଧିକରଣର୍ ସାଧାରଣ୍ କାର୍ଯ୍ୟ :

- ବିଶିଷ୍ଟତା, ଏକରୂପତା ଏବଂ ସ୍ଥାୟୀତ୍ୱର ସିଦ୍ଧାନ୍ତକୁ ଆପଣେଇଥିବା ନୂଆ ଉଦ୍ଭିଦକିସମ, ଅନିବାର୍ଯ୍ୟ ରୂପରେ ଉତ୍ପନ୍ନ କିସମ ଏବଂ ବର୍ତ୍ତମାନ ପ୍ରଚଳିତ କିସମର ପଞ୍ଜୀକରଣ ।
- ଉଦ୍ଭିଦର ନୂଆ କିସମ ବିକାଶର ଉନ୍ନତିରେ ପ୍ରୋତ୍ସାହନ ଏବଂ କୃଷକ ତଥା ପ୍ରଜନକ ମାନଙ୍କର ଅଧିକାରକୁ ରକ୍ଷା କରିବା ।
- ଏହି ଅଧିନିୟମ ଅନ୍ତର୍ଗତ ପଞ୍ଜିକୃତ କିସମଗୁଡିକୁ ସୂଚୀବଦ୍ଧ କରିବା ।
- କୃଷକ କିସମର ପ୍ରଲେଖିକରଣ, ସୂଚୀବଦ୍ଧକରଣ ଏବଂ ତାଲିକାଭୁକ୍ତ କରଣ ।
- ବାଧ୍ୟତାମୂଳକ ଅନୁମତିପତ୍ର ପ୍ରଦାନ ଚୁକ୍ତି ଅନ୍ତର୍ଗତ ପଞ୍ଜିକୃତ କିସମ ମଞ୍ଜିର ଉପଲବ୍ଧତାକୁ ସୁନିଶ୍ଚିତ କରାଇବା ।
- ବିଶେଷଭାବରେ ପରିଚିତ କୃଷି ଜୈବବିବିଧତା ହଟ୍ ସ୍ପଟ୍, ଆର୍ଥିକରୂପରେ ମହତ୍ୱପୂର୍ଣ୍ଣ ଉଦ୍ଭିଦ, ବନ୍ୟା ସମ୍ବନ୍ଧରେ ଜଡିତଥିବା ଉଦ୍ଭିଦଅନୁବଂଶୀୟ ସଂସାଧନର ସଂରକ୍ଷଣରେ ସୁଧାର ଏବଂ ପରୀକ୍ଷଣରେ ଜଡିତଥିବା କୃଷକ ଏବଂ କୃଷକ ସମୁଦାୟ ବିଶେଷ କରି ଜନଜାତି ଓ ଗ୍ରାମ୍ୟ ସମୁଦାୟକୁ ମାନ୍ୟତା ପ୍ରଦାନ କରିବା ତଥା ପୁରସ୍କୃତ କରିବା ।
- ରାଷ୍ଟ୍ରୀୟ ଉଦ୍ଭିଦକିସମ ପୁସ୍ତକ ରକ୍ଷଣାବେକ୍ଷଣର ସୁନିଶ୍ଚିତି କରଣ ତଥା ସବୁ ଉଦ୍ଭିଦକିସମ ସମ୍ବନ୍ଧୀୟ ଡାଟାବେସ୍  (ଅଭିକଳକ) ର ଆଧୁନିକି କରଣ ।
- ରାଷ୍ଟ୍ରୀୟ ଜିନ୍ ବ୍ୟାଙ୍କର ରକ୍ଷଣାବେକ୍ଷଣ ।
- ଡି.ୟୁ.ଏସ୍.(DUS) ପରୀକ୍ଷଣ ମାନଦଣ୍ଡର ବିକାଶ ତଥା ଉଦ୍ଭିଦପ୍ରଜାତିର ସାଧାରଣ, ବିଶିଷ୍ଟ ଏବଂ ବିଶେଷ ପରୀକ୍ଷଣ ନୀତି ସମୂହର ସିଦ୍ଧାନ୍ତ ସୃଷ୍ଟିକରଣ ।

## ଅଧିନିୟମ ଅର୍ନ୍ତଗତ ନିୟମାବଳୀ :

### ପ୍ରଜନକ ମାନଙ୍କର ଅଧିକାର :

ଏହି ଆଇନ୍ ଅନୁସାରେ, କେବଳ ପ୍ରଜନକମାନେ ସଂରକ୍ଷିତ କିସମକୁ ଉତ୍ପନ୍ନ, ବିତରଣ, ବିକ୍ରୟ, ଆମଦାନୀ ଏବଂ ରପ୍ତାନୀ କରିବାର ଅଧିକାର ପାଇବେ । ଏହି ଆଇନକୁ ଉଲଂଘନ କଲେ ପ୍ରଜନକମାନେ ନୂଆ ପ୍ରତିନିଧି/ଅନୁମତି ପତ୍ର ଅଧିକାରୀ ନିଯୁକ୍ତ କରିପାରିବେ ବା ଆଇନକାନୁନ୍‌ର ସାହାଯ୍ୟ ଲୋଡି ପାରିବେ ।

### ଗବେଷକମାନଙ୍କର ଅଧିକାର :

ଗବେଷକମାନେ ସଂରକ୍ଷିତ କିସମକୁ ବିଭିନ୍ନ ପ୍ରକାରର ପରୀକ୍ଷଣ କିମ୍ବା ଗବେଷଣା କରିପାରିବେ ଏବଂ ନୂଆକିସମ ଉତ୍ପନ୍ନ କରିବା ପାଇଁ ଏହି ସଂରକ୍ଷିତ କିସମକୁ ଏକ ପ୍ରାରମ୍ଭିକ ଉତ୍ସ ଆକାରରେ ବ୍ୟବହାର କରିପାରିବେ । କିନ୍ତୁ ଏହାର ବାରମ୍ବାର ବ୍ୟବହାର ପାଇଁ ଅନୁମତି ଏକାନ୍ତ ଅପରିହାର୍ଯ୍ୟ ।

### କୃଷକମାନଙ୍କର ଅଧିକାର :

- ପ୍ରଜନକମାନଙ୍କ ଭଳି ଯେଉଁ କୃଷକମାନେ ନୂଆ କିସମକୁ ବିକଶିତ ପ୍ରଜନ୍ନିତ କରିଥାନ୍ତି ତାହାର ପଞ୍ଜୀକରଣ ଏବଂ ସୁରକ୍ଷାର ଉଚିତ୍ ଅଧିକାର ସେହି କୃଷକମାନଙ୍କୁ ଦିଆଯାଇଥାଏ । ବର୍ତ୍ତମାନ ପ୍ରଚଳିତ କିସମଗୁଡିକ ପରି, କୃଷକ କିସମଗୁଡିକୁ ମଧ୍ୟ ପଞ୍ଜୀକୃତ କରାଯାଇପାରିବ ।
- ଯେକୌଣସି କୃଷକ ପି.ପି.ଭି. ଆଣ୍ଡ ଏଫ୍. ଆର୍.ଏ -୨୦୦୧ ଅଧିନିୟମ ଅର୍ନ୍ତଗତ ସଂରକ୍ଷିତ କିସମର ବିହନ ସହିତ ନିଜ ଜମିରୁ ଉତ୍ପନ୍ନ କିସମକୁ ସେହିପରି ଭାବରେ ସଞ୍ଚୟ, ବ୍ୟବହାର, ବିପଣନ, ବିନିମୟ, ଭାଗିଦାରୀ ବା ବିକ୍ରୟ କରିପାରିବ ଯେପରି ଏହି ନିୟମ ଲାଗୁହେବା ପୂର୍ବରୁ କରିପାରୁଥିଲା, କିନ୍ତୁ ଏହା (ପି.ପି.ଭି. ଆଣ୍ଡ ଏଫ.ଆର.ଏ-୨୦୦୧ ଅଧିନିୟମ) ଲାଗୁହେଲା ପରେ ଏହି ନିୟମ ଅର୍ନ୍ତଗତ ସଂରକ୍ଷିତ କିସମର କୌଣସି ସୂଚିତ ବିହନ ବିକ୍ରି କରିପାରିବ ନାହିଁ ।
- ଯେଉଁ କୃଷକମାନେ ଆର୍ଥିକ ରୂପରେ ମହତ୍ତ୍ୱପୂର୍ଣ୍ଣ ଉଦ୍ଭିଦପ୍ରଜାତି ଏବଂ ଏହାର ବନ୍ୟ ସମ୍ବନ୍ଧୀୟ ପ୍ରଜାତିର ଅନୁବଂଶୀୟ ସଂସାଧନର ସଂରକ୍ଷଣ କରିଥାନ୍ତି ସେମାନଙ୍କୁ ଜିନ ପାଣ୍ଠିରୁ ପୁରସ୍କୃତ କରାଯାଇଥାଏ ।
- ଅଧିନିୟମ-୨୦୦୧ ର ଧାରା -୩୯ (୨) ଅନୁସାରେ କୌଣସି କିସମର ଉତ୍ପାଦନ ବିଫଳ ହେଲେ ସେହି କୃଷକମାନଙ୍କୁ କ୍ଷତିପୂରଣ ଦେବାର ବିଧାନ ରହିଛି ।
- ଏହି ଅଧିନିୟମ ଅନୁଯାୟୀ କୃଷକମାନଙ୍କୁ ମୁଖ୍ୟ ପ୍ରଶାସକ, ବିଚାରମଣ୍ଡଳୀ ବା ଉଚ୍ଚ ନ୍ୟାୟାଳୟରେ ମୋକର୍ଦ୍ଦମା କରିବା ପାଇଁ କୌଣସି ଦେୟ ଦେବାକୁ ପଡେ ନାହିଁ ।

## ପଞ୍ଜୀକରଣ :




ଅଧିନିୟମର ଧାରା-୨୯.୨ ଅନୁସାରେ କେନ୍ଦ୍ର ସରକାରଙ୍କ ସରକାରୀ ଇସ୍ତାହାର ପତ୍ରିକାର ଘୋଷଣା ଅନୁଯାୟୀ କୌଣସି କିସମର ପଞ୍ଜୀକରଣ ପାଇଁ ଏହାର ବଂଶ ତଥା ପ୍ରଜାତିର ନିର୍ଦ୍ଧାରଣ କରାଯାଏ । ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାର ୯୨ ପ୍ରକାର ଫସଲ ପ୍ରଜାତିକୁ ପଞ୍ଜୀକରଣ କରାଯାଇପାରିବ ବୋଲି ଘୋଷଣା କରିଛନ୍ତି । ପି.ପି.ଭି. ଆଣ୍ଡ ଏଫ୍.ଆର.ଏ. ପ୍ରାଧିକରଣ ଏହି ୯୨ ପ୍ରକାର ଫସଲର ପଞ୍ଜୀକରଣ ପାଇଁ ପ୍ରଜାତି ବିଶିଷ୍ଟତା, ଏକରୂପତା ଏବଂ ସ୍ଥାୟିତ୍ୱ ପରୀକ୍ଷଣ (ଡି.ୟୁ.ଏସ. ଟେଷ୍ଟ) ନିୟମ କିମ୍ବା ବିଶିଷ୍ଟ ନିୟମାବଳୀକୁ ବିକଶିତ କରିଛନ୍ତି । ଏହି ବିଶିଷ୍ଟ ନିୟମାବଳୀ ଗୁଡିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଡି.ୟୁ.ଏସ୍. ସମରୂପ ପରିକ୍ଷଣର ସମ୍ପୂର୍ଣ୍ଣ ବ୍ୟବହାରିକ ଜ୍ଞାନ, ପରୀକ୍ଷଣ ମୁଖ୍ୟ ଉଦ୍ଦେଶ୍ୟକୁ ଚିହ୍ନେଇବା ଏବଂ ସମାଙ୍ଗୀ କିସମର ବିବରଣୀକୁ ତିଆରି କରିବା । ଏ ପର୍ଯ୍ୟନ୍ତ ୯୨ଟି ଫସଲର ନିର୍ଦ୍ଦିଷ୍ଟ ଡି.ୟୁ.ଏସ୍. ପରୀକ୍ଷଣକୁ ପ୍ରାଧିକରଣ ଦ୍ୱାରା ପ୍ରକାଶ କରାଯାଇଛି । ସେହି ଫସଲ ପ୍ରଜାତିଗୁଡିକ ହେଲା- ଧାନ, ଗହମ, ମକା, ବାଜରା, ଚଣା, ମୁଗ, ବିରି, ମଟର, ରାଜ୍‌ମା, ମସୁର, ହରଡ଼, ସୋରିଷ (*B. juncea*), ସୋରିଷ(*B. napus*), ରାଇ, ଚିନାବାଦାମ୍, ରାଇସୋରିଷ, ସୋୟାବିନ୍, ସୂର୍ଯ୍ୟମୁଖୀ, କୁସୁମ(*Carthamus tinctorius*) ଜଡା, ରାଶି, ଲିନ୍‌ଶିଡ୍, ଡିପ୍ଲଏଡ୍ କପା(*G. herbaceum*), ଡିପ୍ଲଏଡ୍ କପା (*G. arboreum*), ଟେଟ୍ରାପ୍ଲଏଡ୍ କପା(*G. barbadense*), ଟେଟ୍ରାପ୍ଲଏଡ୍ କପା(*G. hirsutum*), ଝୋଟ (*C. olitorius*), ଝୋଟ(*C. capsularis*), ଆଖୁ, ଗୋଲମରିଚ, ଅଳେଇଚ, ହଳଦୀ, ଅଦା, ବିଲାତି ବାଇଗଣ, ଭେଣ୍ଡି, ଫୁଲକୋବି, ବନ୍ଧାକୋବି, ବାଇଗଣ, ଆଳୁ, ପିଆଜ, ରସୁଣ, ଗୋଲାପ, ସେବତୀ, ଆମ୍ବ, ଡ୍ୟୁରମ୍ ଗହମ (*T. durum*), ଡାଇକୋକମ୍ ଗହମ(*T. dicoccum*), ଅନ୍ୟାନ୍ୟ ଗହମ ପ୍ରଜାତି, ଇସବଗୋଲ,ପୋଦିନା, ଜାମଦାନୀ ଗୋଲାପ, ସଦାବିହାରୀ, ବ୍ରାହ୍ମି ଏବଂ ନଡିଆ ।

## ସମୟାନୁକ୍ରମିକ ବିବରଣୀ :

- ୨୦୦୧ ମସିହା ଅକ୍ଟୋବର ମାସ ୩୦ ତାରିଖରେ ଉଦ୍ଭିଦକିସମ ଏବଂ କୃଷକ ଅଧିକାର ସଂରକ୍ଷଣ ଅଧିନିୟମ-୨୦୦୧, ଲାଗୁହେଲା ।
- ୨୦୦୫ ମସିହା ନଭେମ୍ବର ମାସ ୧୧ ତାରିଖରେ ଉଦ୍ଭିଦ କିସମର ସଂରକ୍ଷଣ ଏବଂ କୃଷକମାନଙ୍କର ଅଧିକାରର ପ୍ରାଧିକରଣ ସ୍ଥାପିତ ହୋଇଥିଲା
- ୨୦୦୬ ମସିହା ଡିସେମ୍ବର ମାସ ୭ ତାରିଖରେ ପି.ପି.ଭି. ଆଣ୍ଡ ଏଫ.ଆର.ଏ ପ୍ରାଧିକରଣ ଦ୍ୱାରା ଧାର୍ଯ୍ୟ ନିୟମାବଳୀଗୁଡିକ ସୂଚିତ କରାଗଲା । ଏହି ନିୟମାବଳୀରେ ମୁଖ୍ୟପ୍ରଶାସକଙ୍କ କର୍ତ୍ତବ୍ୟ, ଆଇନକାନୁନ ସମ୍ବନ୍ଧୀୟ ଅଧିକାର, ଉଦ୍ଭିଦ କିସମ ଏବଂ ଅନିବାର୍ଯ୍ୟ ରୂପରେ ଉତ୍ପନ୍ନ କିସମର ପଞ୍ଜୀକରଣ, ପ୍ରାଧିକରଣର ରାଷ୍ଟ୍ରୀୟ ଜିନ ବ୍ୟାଙ୍କରେ ଜମା କରିବାକୁ ଥିବା ବିହନ ସାମଗ୍ରୀର ପରିମାଣ, ପ୍ରାଧିକରଣର ସର୍ତ୍ତ ଏବଂ ସୀମାରେଖା, ଫର୍ମ-୧, ଫର୍ମ-୨ ଏବଂ ଟେକନିକାଲ ପ୍ରଶ୍ନାବଳୀ ଗୁଡିକ ଉଲ୍ଲେଖିତ ଅଛି ।
- ୨୦୦୭ ମସିହା ଫେବୃୟାରୀ ମାସ ୨୦ ତାରିଖରେ ଉଦ୍ଭିଦକିସମ ପଞ୍ଜୀକରଣର ଶୁଭାରମ୍ଭ ହେଲା ।
- ୨୦୦୮ ମସିହାରେ ପ୍ରଥମ ଥର ପାଇଁ ସିଡ୍ ଆକ୍ଟ-୧୯୬୬ ର ଧାରା-୫ ଅନ୍ତର୍ଗତ ଅଧିସୂଚିତ ହୋଇଥିବା ପ୍ରଚଳିତ କିସମ ପଞ୍ଜୀକରଣର ପ୍ରମାଣ ପତ୍ର ପ୍ରଦାନ କରାଗଲା ।
- ୨୦୦୮ ମସିହାରେ ୨୨ ଟି କୃଷି ଜୈବବିବିଧତା ହଟ୍ ସ୍ପଟ୍ (Hot Spot) ଚିହ୍ନିତ କରାଗଲା ଏବଂ ଏହା ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ରିପୋର୍ଟ ଦୁଇଟି ପୁସ୍ତକ (Vol. I Gaõ Vol. II) ମାଧ୍ୟମରେ ୨୦୦୯ ମସିହା ଅଗଷ୍ଟ ମାସ ୧୯ ତାରିଖରେ ପ୍ରକାଶ କରାଗଲା ।
- ୨୦୦୯ ମସିହାରେ ପ୍ରଥମ ଥର ପାଇଁ ନୂତନ କିସମ ଏବଂ କୃଷକ କିସମ ପଞ୍ଜୀକରଣର ପ୍ରମାଣ ପତ୍ର ପ୍ରଦାନ କରାଗଲା ।

## CRRI rice varieties submitted with the PPV&FR Authority, New Delhi for Registration

| Sl. No. | Denomination | Crop | Date of filing | New/Extant | Registered Yes/No |
|---|---|---|---|---|---|
| **Application filed in the year 2009-2010** | | | | | |
| 1 | CRMS32A | Rice | REG/2010/96<br>Dt. 22.03.10 | New | **Registered**<br>(590 of 2014/28.08.2014) |
| 2 | CRMS 31A | Rice | REG/2010/97<br>Dt. 22.03.10 | New | **Registered**<br>(172 of 2014/13.05.2014) |
| **Application filed in the year 2010-11** | | | | | |
| 3 | CR BORO DHAN 2 | Rice | REG/2010/101<br>Dt. 12.04.10 | New | **Registered**<br>(488 of 2014/05.08.2014) |
| 4 | CR DHAN 70 | Rice | REG/2010/102<br>Dt. 12.04.10 | New | **Registered**<br>(495 of 2014/5.08.2014)) |
| 5 | CR SUGANDH DHAN-3 | Rice | REG/2010/103<br>Dt. 12.04.10 | New | **Registered**<br>(553 of 2014/14.08.2014) |
| 6 | NUA KALAJERA | Rice | REG/2010/104<br>Dt. 12.04.10 | New | **Registered**<br>(493 of 2014/05.08.2014) |
| 7 | CR DHAN 10 | Rice | REG/2010/105<br>Dt. 12.04.10 | New | **Registered**<br>(612 of 2014/08.09.2014) |
| 8 | NUA CHINIKAMINI | Rice | REG/2011/493<br>Dt. 29.08.11 | New | **Registered**<br>(820 of 2014/26.12.2014) |
| 9 | PHALGUNI | Rice | REG/2011/494<br>Dt. 29.08.11 | New | **Registered**<br>(821 of 2014/26.12.2014) |
| 10 | LUNA SAMPAD | Rice | REG/2011/495<br>Dt. 29.08.11 | New | **Registered**<br>(831 of 2014/30.12.2014) |
| 11 | LUNA SUVARNA | Rice | REG/2011/496<br>Dt. 29.08.11 | New | **Registered**<br>(822 of 2014/26.12.2014) |
| 12 | NAVEEN | Rice | REG/2011/497<br>Dt. 29.08.11 | Extant | **Registered**<br>(175 of 2014/13.05.2014) |
| 13 | RAJALAXMI<br>(CRHR-5) (HYBRID) | Rice | REG/2011/498<br>Dt. 29.08.11 | Extant | **Registered**<br>(206 of 2014/26.05.2014) |
| 14 | AJAY (HYBRID)<br>(CRHR-7) (IET 18166) | Rice | REG/2011/499<br>Dt. 29.08.11 | Extant | **Registered**<br>(162 of 2014/09.05.2014) |
| 15 | VARSHADHAN | Rice | REG/2011/500<br>Dt. 29.08.11 | Extant | **Registered**<br>(471 of 2014/01.08.2014) |
| 16 | REETA | Rice | REG/2011/930<br>Dt. 19.09.11 | New | Under examination |
| **Application filed in the year 2012-13** | | | | | |
| 17 | CR DHAN 601 | Rice | REG/2013/41<br>Dt. 07.02.13 | New | Under examination |
| 18 | CR DHAN 701(CRHR 32) (HYBRID) | Rice | REG/2013/42<br>Dt. 07.02.13 | New | Under examination |
| **Application filed in the year 2013-14** | | | | | |
| 19. | CR DHAN 500 | Rice | REG/2013/177<br>Dt.01.04.13 | New | Under examination |
| 20. | Luna Sankhi<br>(IET 19472) | Rice | REG/2014/791<br>Dt. 28.03.2014 | New | Under examination |
| 21. | Luna Barial<br>(IET 21237) | Rice | REG/2014/792<br>Dt. 28.03.2014 | New | Under examination |
| 22. | CR-HP1 | Rice | REG/2014/793<br>28.03.2014 | New | Under examination |
| 23. | CR-HP2 | Rice | REG/2014/794<br>Dt. 28.03.2014 | New | Under examination |

## Application filed in the year 2014-15

| Sl. No. | Denomination | Crop | Date of filing | New/Extant | Registered Yes/No |
|---|---|---|---|---|---|
| 24 | CR 2829-PLN-23 | Rice | REG/2014/1287 Dt. 25.06.2014 | New | Under examination |
| 25 | CR 2829-PLN-100 | Rice | REG/2014/1288 Dt. 25.06.2014 | New | Under examination |
| 26 | CR-2829-PLN-116 | Rice | REG/2014/1289 Dt. 25.06.2014 | New | Under examination |
| 27 | CR 2830-PLS-124 | Rice | REG/2014/1290 Dt. 25.06.2014 | New | Under examination |
| 28 | CR 2830-PLS-156 | Rice | REG/2014/2029 Dt.23.09.2014 | New | Under examination |
| 29 | CR 2829-PLN-98 | Rice | REG/2014/2030 Dt. 23.09.2014 | New | Under examination |
| 30 | CR 2829-PLN-32 | Rice | REG/2014/2031 Dt. 23.09.2014 | New | Under examination |
| 31 | CR 2830-PLS-17 | Rice | REG/2014/2032 Dt. 23.09.2014 | New | Under examination |
| 32 | CR 2829-PLN-99 | Rice | REG/2014/2033 Dt. 23.09.2014 | New | Under examination |
| 33 | CR 2829-PLN-37 | Rice | REG/2014/2034 Dt. 23.09.2014 | New | Under examination |

## APPLICATION FILED FOR FARMERS' VARIETIES

| Sl. No. | Variety Name | Crop | Application Number | Status | Sl. No. | Variety Name | Crop | Application Number | Status |
|---|---|---|---|---|---|---|---|---|---|
| 1 | Matia Harishankar | Rice | REG/2011/161 (Dt. 25.02.2011) | Under examination | 13 | Bankoei | Rice | REG/2011/179 (Dt. 14.03.2011) | Under examination |
| 2 | Jangli jhata | Rice | REG/2011/162 (Dt. 25.02.2011) | | 14 | Sukasara | Rice | REG/2011/180 (Dt. 14.03.2011) | |
| 3 | Jagabalia | Rice | REG/2011/163 (Dt. 25.02.2011) | | 15 | Kalamula | Rice | REG/2011/181 (Dt. 14.03.2011) | |
| 4 | Banki sarua | Rice | REG/2011/164 (Dt. 25.02.2011) | | 16 | Maa Chandi | Rice | REG/2011/182 (Dt. 14.03.2011) | |
| 5 | Rahas farm | Rice | REG/2011/165 (Dt. 25.02.2011) | | 17 | Lunifarm | Rice | REG/2011/183 (Dt. 14.03.2011) | |
| 6 | Champa | Rice | REG/2011/166 (Dt. 25.02.2011) | | 18 | Rangiarai | Rice | REG/2011/184 (Dt. 14.03.2011) | |
| 7 | Panikoieli | Rice | REG/2011/167 (Dt. 25.02.2011) | | 19 | Solari | Rice | REG/2011/185 (Dt. 14.03.2011) | |
| 8 | Khoda | Rice | REG/2011/168 (Dt. 25.02.2011) | | 20 | Champa-puri | Rice | REG/2011/186 (Dt. 14.03.2011) | |
| 9 | Bola Saruchina | Rice | REG/2011/169 (Dt. 25.02.2011) | | 21 | Baunsagaja | Rice | REG/2011/187 (Dt. 14.03.2011) | |
| 10 | Rajamali | Rice | REG/2011/170 (Dt. 25.02.2011) | | 22 | Biradi bankoei | Rice | REG/2011/188 (Dt. 14.03.2011) | |
| 11 | Maguru mangi | Rice | REG/2011/177 (Dt. 14.03.2011) | | 23 | Bhandi | Rice | REG/2011/189 (Dt. 14.03.2011) | |
| 12 | Malabati | Rice | REG/2011/178 (Dt. 14.03.2011) | | | | | | |


**କୃଷି ବିଜ୍ଞାନ କେନ୍ଦ୍ର ବୈଷୟିକ ଇସ୍ତାହାର - ୦୬**

"ସମସ୍ତ ସତ୍ତ୍ୱ ସଂରକ୍ଷିତ - କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, ମାର୍ଚ୍ଚ - ୨୦୧୫"



ପ୍ରସ୍ତୁତି : ସୁଜାତା ସେଠୀ, ଶିବ ମଙ୍ଗଳ ପ୍ରସାଦ, ଦିଲ୍ଲୀପ ରଞ୍ଜନ ଷଡ଼ଙ୍ଗୀ, ମନିଷ ଚୌରାସିଆ,
ରଞ୍ଜନ କୁମାର ମହାନ୍ତ, ବି.ସି. ପାତ୍ର ଏବଂ ବିଶ୍ୱନାଥ ଷଡ଼ଙ୍ଗୀ



ମୁଦ୍ରଣ - କୃଷି ବିଜ୍ଞାନ କେନ୍ଦ୍ର, କଟକ, ଓଡ଼ିଶା - ୭୫୪୦୨୨
ତରଫରୁ ପ୍ରକାଶିତ